# NATIONAL NEWS BULLETIN (ODIA)

**11 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଜାରି ରହିଛି ୨୦୨୬-୨୭ ବଜେଟ୍ ଉପରେ ଆଲୋଚନା

- ବିରୋଧୀଙ୍କ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ନୋଟିସ୍‌ରେ ତ୍ରୁଟି ସଂଶୋଧନ ପରେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଲେ ବାଚସ୍ପତି

- ଅନୁମୋଦିତ ନିୟାମକ ଢ଼ାଞ୍ଚା ଅନୁଯାୟୀ, ସେବା ପ୍ରଦାନ କରିବାକୁ ଇଣ୍ଡିଗୋ କମ୍ପାନୀକୁ ଡିଜିସିଏର ନିର୍ଦ୍ଦେଶ

- ଶ୍ରୀଲଙ୍କାରୁ ଆଜି ଭାରତ ଆସୁଛି ଭଗବାନ ବୁଦ୍ଧଙ୍କ ପବିତ୍ର ଦେଭନିମୋରି ଅବଶେଷ

ଏବଂ

- ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନ ସମ୍ମୁଖରେ ୧୮୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଦକ୍ଷିଣ ଆଫ୍ରିକା ।

---

## ଏଲ୍‌ଏସ୍-ବଜେଟ୍

ଲୋକସଭାରେ ଆସନ୍ତା ଆର୍ଥିକବର୍ଷର ପ୍ରସ୍ତୁତ ବଜେଟ୍ ଉପରେ ଆଲୋଚନା ଜାରି ରହିଛି । ଆଲୋଚନାରେ ଅଂଶ ଗ୍ରହଣ କରି ଏଲ୍‌ଜେପି-ଆର୍ ର ସଦସ୍ୟ ଅରୁଣ ଭାରତୀ ବଜେଟ୍ ଦେଶର ବିକାଶର ମାର୍ଗ ଉନ୍ମୁକ୍ତ କରିବ ବୋଲି କହିଛନ୍ତି । ସେ ଏହାକୁ ଏକ ଦୂରଦୃଷ୍ଟିସଂପନ୍ନ ଏବଂ ସମାବେଶୀ ବଜେଟ୍ ବୋଲି ବର୍ଣ୍ଣନା କରିବା ସହ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ସହାୟକ ହେବ ବୋଲି ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, କେନ୍ଦ୍ର ବଜେଟ୍ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବ ।

ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚାର ସଦସ୍ୟ ଇନ୍ଦ୍ର ହାଙ୍ଗ୍ କହିଛନ୍ତି, ସମାଜର ସବୁବର୍ଗଙ୍କ ପାଇଁ ବଜେଟ୍‌ରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଶିଳ୍ପ ନେତୃତ୍ୱାଧୀନ ଗବେଷଣା ପାଇଁ ବଜେଟ୍‌ରେ ରହିଥିବା ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ଆପ୍‌ର ସଦସ୍ୟ ଡକ୍ଟର ରାଜକୁମାର ଚବେଓ୍ୱାଲ୍ ବଜେଟ୍‌ରେ ସେଭଳି କୌଣସି ନୂତନତ୍ୱ ନାହିଁ ବୋଲି ଅଭିଯୋଗ କରିଛନ୍ତି । ବିଜେପିର ସୁଧୀର ଗୁପ୍ତା କେନ୍ଦ୍ର ବଜେଟକୁ ପ୍ରଶଂସା କରିବା ସହିତ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

---

## ଏଲ୍‌ଏସ୍-ସ୍ପିକର୍

ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀ ସାଂସଦମାନଙ୍କ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବ ନୋଟିସ୍‌ରେ କିଛି ତ୍ରୁଟି ଚିହ୍ନଟ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ନୋଟିସ୍‌ରେ ବିରୋଧୀ

ଦଳଗୁଡ଼ିକ ଗତବର୍ଷ ଫେବୃୟାରୀରେ ଘଟିଥିବା ୪ଟି ଘଟଣା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଏହା ଆଧାରରେ, ନିୟମ ଅନୁଯାୟୀ ନୋଟିସ୍‌କୁ ଖାରଜ କରାଯାଇ ପାରିଥାନ୍ତା । ବାଚସ୍ପତି ଓମ୍ ବିର୍ଲା ନୋଟିସ୍‌ରେ ଥିବା ତ୍ରୁଟିକୁ ସଂଶୋଧନ କରି  ପ୍ରକ୍ରିୟା ଅନୁଯାୟୀ ଆଗକୁ କାର୍ଯ୍ୟକାରୀ କରିବାକୁ ସଚିବାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ନିୟମ ଅନୁଯାୟୀ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବା ପରେ ନୋଟିସ୍‌କୁ ତାଲିକାଭୁକ୍ତ କରାଯିବ । ସଂଶୋଧିତ ନୋଟିସ୍ ପାଇବା ପରେ ଏହାକୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ ।

# ଏଲ୍‌ଏସ୍-ସୋଲାର

ଦେଶରେ ଘରୋଇ କ୍ଷେତ୍ରର ସୌରଶକ୍ତି ଉତ୍ପାଦ କ୍ଷମତା ୧୪୪ ଗିଗାୱାଟ୍‌ରେ ପହଞ୍ଚିଛି ବୋଲି ନୂତନ ଓ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଲୋକସଭାରେ ଆଜି ପ୍ରଶ୍ନକାଳରେ  ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଯୋଶୀ କହିଛନ୍ତି, ପୂର୍ବରୁ ସୌରଶକ୍ତି ଉତ୍ପାଦନ କେବଳ ୬ରୁ ୭ ଗିଗାୱାଟ୍ ମଧ୍ୟରେ ସୀମିତ ରହିଥିଲା । ଏ କ୍ଷେତ୍ରରେ ଏବେ କ୍ଷମତା ବୃଦ୍ଧି ପାଇବା ସହିତ ରପ୍ତାନୀ କରିବା ସ୍ଥିତିରେ ମଧ୍ୟ ଦେଶ ପହଞ୍ଚିଲାଣି ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ସବୁଜ ଶକ୍ତି କରିଡର ପ୍ରଥମ ପର୍ଯ୍ୟାୟ ଅଧୀନରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୧୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହାର ଦ୍ୱିତୀୟ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି ବୋଲି ସେ ଗୃହକୁ ସୂଚନା ଦେଇଛନ୍ତି : **V/O**

## ରାଜ୍ୟସଭା-ଡାଏରୀ ସେକ୍ଟର

ଶ୍ୱେତ ବିପ୍ଳବର ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ଦୁଗ୍ଧ ସଂଗ୍ରହ ବୃଦ୍ଧି ଲକ୍ଷ୍ୟ ନେଇ ସରକାର ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି । ରାଜ୍ୟସଭାରେ ଆଜି ଏ ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନ କରି ସେ କହିଛନ୍ତି, ଏହି ପର୍ଯ୍ୟାୟ ଅଧୀନରେ ପ୍ରତ୍ୟେକ ଦିନ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଆଗାମୀ ୫ ବର୍ଷ ମଧ୍ୟରେ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଦୁଗ୍ଧ ସଂଗ୍ରହକୁ ଆହୁରି ୫୦ ପ୍ରତିଶତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି । ଆସନ୍ତା ୨୦୨୮-୨୯ ଆର୍ଥିକବର୍ଷ ଶେଷ ସୁଦ୍ଧା ଦୁଗ୍ଧ ସମବାୟ ସମିତି ଦ୍ୱାରା ଦୁଗ୍ଧ ସଂଗ୍ରହ ପ୍ରତିଦିନ ୧ ହଜାର ୭ଲକ୍ଷ କିଲୋଗ୍ରାମ୍‌କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ସମଗ୍ର ଦେଶରେ ୭୫ ହଜାର ନୂତନ ବହୁମୁଖୀ ଦୁଗ୍ଧ ସମବାୟ ସମିତି ସ୍ଥାପନ କରିବା ନେଇ ସରକାରଙ୍କ ପ୍ରସ୍ତାବ ରହିଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି ।

## ଡିଜିସିଏ ଇଣ୍ଡିଗୋ

ଇଣ୍ଡିଗୋ ବିମାନ ସେବା ସଂସ୍ଥାକୁ କେତେକ ନିର୍ଦ୍ଦିଷ୍ଟ ଉଡ଼ାଣ ପାଇଁ ଡିଉଟି ସମୟ ସୀମା ବ୍ୟବସ୍ଥାରେ ପ୍ରଦାନ କରାଯାଇଥିବା ଅସ୍ଥାୟୀ ରିହାତି ଶେଷ ହୋଇଛି ବୋଲି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ-ଡିଜିସିଏ ଘୋଷଣା କରିଛନ୍ତି । ଇଣ୍ଡିଗୋ କମ୍ପାନୀକୁ ଏବେ ଅନୁମୋଦିତ ନିୟାମକ ଢ଼ାଞ୍ଚା ଅନୁଯାୟୀ ଉଡ଼ାଣ ଭରିବାକୁ ପଡ଼ିବ । ଡିଜିସିଏ କହିଛି,

ଗତ ଡିସେମ୍ବର ମାସରେ ବିମାନ ଉଡ଼ାଣ ନେଇ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଇଥିବା ଏହି ରିହାତିର ବୈଧ ସମୟସୀମା ଗତକାଲି ପର୍ଯ୍ୟନ୍ତ ଧାର୍ଯ୍ୟ ରହିଥିଲା । ଜାତୀୟ ସୁରକ୍ଷା ଏବଂ ସେବା ପ୍ରଦାନକାରୀ କମ୍ପାନୀର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା । ଡିଜିସିଏ ଦ୍ୱାରା ଅନୁମୋଦିତ **FDTL** ଯୋଜନାର କାର୍ଯ୍ୟକାରିତା ନେଇ ପ୍ରସ୍ତୁତି ସଂପର୍କରେ ଇଣ୍ଡିଗୋ କମ୍ପାନୀ ପକ୍ଷରୁ ଆବଶ୍ୟକୀୟ ସୂଚନା ପ୍ରଦାନ କରାଯାଇଛି ବୋଲି ଡିଜିସିଏ କହିଛି । ଏଥିସହିତ ନିର୍ଦ୍ଧାରିତ ମାନଦଣ୍ଡକୁ ପୂର୍ଣ୍ଣ ଭାବେ ଅନୁପାଳନ କରିବା ନେଇ ଇଣ୍ଡିଗୋ କମ୍ପାନୀ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିବା ଡିଜିସିଏ ସ୍ପଷ୍ଟ କରିଛି ।

## ଦେଭ୍‌ନିମୋରି ରିଲିକ୍ସ- ଶ୍ରୀଲଙ୍କା

ଶ୍ରୀଲଙ୍କାର କଲମ୍ବୋରେ ପବିତ୍ର ଗଙ୍ଗାରାମାୟା ମନ୍ଦିରରେ ଏକସପ୍ତାହ ଧରି ସାଧାରଣ ପ୍ରଦର୍ଶନ ପରେ ଆଜି ଭଗବାନ ବୁଦ୍ଧଙ୍କ ପବିତ୍ର ଦେଭ୍‌ନିମୋରିର ଅବଶେଷ ଭାରତ ଅଭିମୁଖେ ପ୍ରସ୍ଥାନ କରିଛି । ସଂସ୍କୃତି ମନ୍ତ୍ରଣାଳୟ ସୂଚନା ଦେଇଛି ଯେ, ଶ୍ରୀଲଙ୍କାର ମନ୍ତ୍ରୀଗଣ ଏବଂ ଶ୍ରୀଲଙ୍କାରେ ଭାରତର ଉଚ୍ଚାୟୁକ୍ତଙ୍କ ଉପସ୍ଥିତିରେ ବନ୍ଦରା ନାଏକେ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏହି ବିଦାୟ କାଳୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ପ୍ରଦର୍ଶନ ପାଇଁ ବିଦେଶକୁ ନିଆଯାଇଥିବା ପବିତ୍ର ଅବଶେଷଗୁଡ଼ିକୁ ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳ ଦ୍ୱାରା ପ୍ରତ୍ୟାବର୍ତ୍ତନ କରାଯାଉଛି । ଏହି ପ୍ରତିନିଧି ଦଳର ନେତୃତ୍ୱ ମଧ୍ୟପ୍ରଦେଶର ରାଜ୍ୟପାଳ ମଙ୍ଗୁ ଭାଇ ପଟେଲ ଏବଂ ଅରୁଣାଚଳ ପ୍ରଦେଶର ଉପ-

ମୁଖ୍ୟମନ୍ତ୍ରୀ ଚୌନା ମେନ ଏବଂ ବରିଷ୍ଠ ବୌଦ୍ଧଭିକ୍ଷୁ ଏବଂ ଅଧିକାରୀମାନେ ନେଇଛନ୍ତି ।

ଗତବର୍ଷ ଏପ୍ରିଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶ୍ରୀଲଙ୍କା ଗସ୍ତ ସମୟରେ ଏ ନେଇ ଘୋଷଣା କରାଯାଇଥିଲା । ମନ୍ତ୍ରଣାଳୟ କହିଛି ଯେ, ୧୦ଲକ୍ଷରୁ ଅଧିକ ଭକ୍ତ ଏହି ସାର୍ବଜନୀନ ପୂଜାରେ ଅଂଶ ଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ, କ୍ୟାବିନେଟ୍ ମନ୍ତ୍ରୀ, ସଂସଦର ସଦସ୍ୟଗଣ, ପୂର୍ବତନ ରାଷ୍ଟ୍ରପତି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଶ୍ରୀଲଙ୍କାର ଅନେକ ବରିଷ୍ଠ ନେତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମନ୍ତ୍ରଣାଳୟ କହିଛି, ଏହି ଅବସରରେ ପବିତ୍ର ପିପ୍ରାହୱା, ପବିତ୍ର ଅବଶେଷ ଏବଂ ସମସାମୟିକ ଭାରତର ସାଂସ୍କୃତିକ ସଂପର୍କର ସନ୍ଧାନ ଶୀର୍ଷକ ଦୁଇଟି ବିଶେଷ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀ ବିଶ୍ୱ ବୌଦ୍ଧ ଐତିହ୍ୟର ସଂପର୍କକୁ ସୁଦୃଢ଼ କରିବ ।

## ବିର୍ଲା-ଦୀନଦୟାଲ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବିର୍ଲା' ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଅବିଚ୍ଛେଦ୍ୟ ମାନବବାଦର ସ୍ଥପତି ଏବଂ ଦେଶବ୍ୟାପୀ ଅନ୍ତ୍ୟୋଦୟର ଭାବନାର ସ୍ୱର ଭାବରେ ବର୍ଣ୍ଣନା କରିଛନ୍ତି । ଲୋକସଭା ବାଚସ୍ପତି କହିଛନ୍ତି ଯେ, ସ୍ୱଦେଶୀ, ସ୍ୱାବଲମ୍ବନ ଏବଂ ସାଂସ୍କୃତିକ

ଆତ୍ମସଚେତନତା ଉପରେ ଆଧାରିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନ, ଜାତୀୟ ନୀତି ଏବଂ ସାମାଜିକ ଆଲୋଚନାକୁ ମାର୍ଗଦର୍ଶନ କରିଚାଲିଛି । ଶ୍ରୀ ବିର୍ଲା କହିଛନ୍ତି ଯେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଚିନ୍ତାଧାରା ଏବଂ ଜୀବନାଦର୍ଶରେ ଦେଶର ପ୍ରଗତି ସେତେବେଳେ ଅର୍ଥପୂର୍ଣ୍ଣ ହୋଇଥାଏ, ଯେତେବେଳେ ବିକାଶର ଲାଭ ସମାଜର ଶେଷବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚିଥାଏ । ସେ ଆହୁରି କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ରାଜନୀତିକୁ କ୍ଷମତା ସହିତ ନୁହେଁ, ବରଂ ସେବା, ନୈତିକତା ଏବଂ ସାମାଜିକ ଦାୟିତ୍ୱ ସହିତ ଯୋଡ଼ିବାର ଚିନ୍ତାଧାରାକୁ ସମର୍ଥନ କରିଥାଏ ।

## ଇଣ୍ଡିଆ-ୟୁଏସ୍ ଟ୍ରେଡ୍ ଡିଲ୍

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ଆଗ୍ରା ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ୍ ନିର୍ଦ୍ଦେଶକ ରୋହିତ ଗୁପ୍ତା ଉଚ୍ଚ ପ୍ରଶଂସା କରିଛନ୍ତି । ଆମେରିକା ବଜାରରେ ଭାରତୀୟ ଉଦ୍ୟୋଗୀଙ୍କ ପାଇଁ ଏହା ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗ ସହ ଏକ ସ୍ୱତନ୍ତ୍ର ଆଲୋଚନାରେ ଶ୍ରୀଗୁପ୍ତା କହିଛନ୍ତି, ଶୁଳ୍କ ହ୍ରାସ ଦେଶର ରପ୍ତାନୀ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ । ବାଣିଜ୍ୟ ଚୁକ୍ତି ରତ୍ନପଥର ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଟି-୨୦ କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଏବଂ ଆଫଗାନିସ୍ତାନ ମଧ୍ୟରେ ଜାରି ରହିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ଓ୍ୱିକେଟ୍ ବିନିମୟରେ ୧୮୭ ରନ୍ ସଂଗ୍ରହ କରିଛି । ୧୮୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଆଫଗାନିସ୍ତାନ ୧୩ ଓଭର୍‌ରେ ୫ ଓ୍ୱିକେଟ୍ ବିନିମୟରେ ୧୨୧ ରନ୍ ସଂଗ୍ରହ କରିଥିଲା ।

ଆଜି ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ଦୁଇଟି ମ୍ୟାଚ୍ ମଧ୍ୟରୁ କଲମ୍ବୋଠାରେ ଅଷ୍ଟ୍ରେଲିଆ ଏବଂ ଆୟାରଲ୍ୟାଣ୍ଡ ମଧ୍ୟରେ ଓ ମୁମ୍ବାଇଠାରେ ଇଂଲଣ୍ଡ ଏବଂ ଓ୍ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମୁକାବିଲା ହେବ ।

# ହକି

ଏଫ୍‌ଆଇଏଚ୍ ପ୍ରୋଲିଗ୍ ହକି ପ୍ରତିଯୋଗିତାରେ ଆଜି ଭାରତ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ୍ ଖେଳାଯିବ । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଗତକାଲିର ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ବେଲ୍‌ଜିୟମ୍ ୫-୩ ଗୋଲ୍‌ରେ ପରାସ୍ତ କରିଛି ।